# India-China consultations on UNSC Issues

February 09, 2021

# ମିଳିତ ଜାତିସଂଘ ସୁରକ୍ଷା ପରିଷଦ ପ୍ରସଙ୍ଗରେ ଭାରତ-ଚୀନ ମଧ୍ୟରେ ବିଚାର ବିମର୍ଷ

**ଫେବୃଆରୀ 09, 2021**

1. ଭାରତ ଏବଂ ଚୀନ ଆଜି ମିଳିତ ଜାତିସଂଘ ସୁରକ୍ଷା ପରିଷଦ ପ୍ରସଙ୍ଗରେ ଦ୍ୱିପାକ୍ଷିକ ବିଚାର ବିମର୍ଷ ଭିଡିଓ କନଫରେନସିଂ ମାଧ୍ୟମରେ କରିଛନ୍ତି।

2. ଚୀନ ପ୍ରତିନିଧୀ ଦଳର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆନ୍ତର୍ଜାତୀୟ ସଂଗଠନ ଏବଂ ସମ୍ମିଳନୀ ବିଭାଗର ମହାନିର୍ଦ୍ଦେଶକ ଶ୍ରୀ ୟାଙ୍ଗ ତାଓ ନେଇଥିଲେ। ପୂର୍ବ ଏସିଆ (ଇଏ) ଏବଂ ମିଳିତ ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ (ୟୁନେଇଏସ୍) ବିଭାଗର ଅଧିକାରୀ ତଥା ନିୟୁୟର୍କରେ ଥିବା ଭାରତର ସ୍ଥାୟୀ ମିଶନ ଏବଂ ବେଜିଂରେ ଥିବା ଭାରତର ଦୂତାବାସର ଅଧିକାରୀଙ୍କ ସହ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ମିଳିତ ଜାତିସଂଘ ରାଜନୈତିକ ଏବଂ ସମ୍ମିଳନୀ ବିଭାଗ) ଶ୍ରୀ ପ୍ରକାଶ ଗୁପ୍ତା ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

3. ଉଭୟ ପକ୍ଷ ମିଳିତ ଜାତିସଂଘ ସୁରକ୍ଷା ପରିଷଦ କାର୍ଯ୍ୟସୂଚୀର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଭାରତୀୟ ପ୍ରତିନିଧି ଦଳ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର କାର୍ଯ୍ୟକାଳ ମଧ୍ୟରେ ନିଜର ପ୍ରାଥମିକତା ବିଷୟରେ ଚୀନ ପକ୍ଷକୁ ସୂଚନା ଦେଇଥିଲେ। ମିଳିତ ଜାତିସଂଘ ସୁରକ୍ଷା ପରିଷଦ କାର୍ଯ୍ୟସୂଚୀର ପ୍ରମୁଖ ପ୍ରସଙ୍ଗରେ ସେମାନଙ୍କ କାର୍ଯ୍ୟ ଜାରି ରଖିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**
**ଫେବୃଆରୀ 09, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.